## ଜଳିଗଲା ଘର

ତେଲକୋଇ,(ଡି.ଏନ.ଏ.): କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅନ୍ତର୍ଗତ ଟଣ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଛାଲ ନାୟକଙ୍କ ଚାଳ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ତାଙ୍କ ଘରେ ୨୦ହଜାର ଟଙ୍କାର ଧାନ, ଚାଉଳ, ଖଟ, ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ତେଲକୋଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

## ସଂକ୍ଷେପରେ

### ପୋଲିସର ସଡ଼କ ସୁରକ୍ଷା ସଚେତନତା ବାଇକ୍ ରାଲି

**ରାଇରଙ୍ଗପୁର, ୨୩।୧(ଡି.ଏନ.ଏ):** ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଶନିବାର ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ରାଜେଶ ଶତପଥିଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଅଞ୍ଚଳର ଯୁବକମାନଙ୍କ ସହାୟତାରେ ଉକ୍ତ ଥାନା ଅନ୍ତର୍ଗତ ବିଜାତଳା,ଖନ୍ତ,ବଡ଼ଗାଁ ,ବିରଞ୍ଚନ,ମୁଣ୍ଡାକାଟ,ଦାମୁଡ଼ଗଡ଼ା ଏବଂ ହାଟବାଦଡ଼ା ସମେତ ବିଭିନ୍ନ ଛକରେ ବାଇକ୍ ରାଲି କରି ଲୋକଙ୍କୁ ସଡ଼କ ସୁରକ୍ଷା ଜୀବନରକ୍ଷା ସକାଶେ ସଚେତନତା ବାର୍ତ୍ତା ଦେଉଥିବା ଦେଖିବାକୁ ମିଳିଥିଲା। ରାସ୍ତାରେ ଚଳାଚଳ କରୁଥିବା ଗାଡ଼ି ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ଗାଡ଼ି ଚାଳନା ସମୟରେ ଟ୍ରାଫିକ୍ ନିୟମ ମାନିବା ସମ୍ପର୍କରେ ସଚେତନ କରାଇଥିଲେ।

### ନେତାଜୀଙ୍କ ପଥ ଅନୁସରଣୀୟ

**ଭଦ୍ରକ ଅଫିସ, ୨୩।୧:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧାପିକା, ଅଧାପକ ଏବଂ ଶତାଧିକ ଛାତ୍ରୀଛାତ୍ର ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଅଲ୍ ଇଣ୍ଡିଆ ଡିଏସ୍ଓର ରାଜ୍ୟ ସଦସ୍ୟ କମ୍ରେଡ଼ ଆଜମଲ ହୁସେନ ଓ ଭଦ୍ରକ ସିଟି କମିଟିର ସଭାପତି ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ। ଭଦ୍ରକ କଲେଜର ଛାତ୍ରନେତା ମଣ୍ଟୁଚନ୍ଦ୍ର ମଲ୍ଲିକ, ବଟକୃଷ୍ଣ ମଲ୍ଲିକ, ସୁଦୀପ୍ତ ଦାଶ ଓ ଦେବାଶିଷ କର ଯୋଗଦେଇ ନେତାଜୀଙ୍କ ପଥ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ।

### ନେତାଜୀ ଜୟନ୍ତୀରେ ସାଇକେଲ ରାଲି

**କେନ୍ଦୁଝର, ୨୩।୧(ସ୍ୱ.ପ୍ର.):** କେନ୍ଦୁଝରଠାରେ ନେତାଜୀ ସୁଭାଷ ବୋଷଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ ଓ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଅବସରରେ ପରାକ୍ରମ ଦିବସ ଓ ଫିଟ ଇଣ୍ଡିଆ ସାଇକ୍ଲୋଥନ ଅନୁଷ୍ଠିତ ହୋଇଯାଇଛି। ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ୧୪ ଓଡିଶା ବାଟାଲିଅନ ଏନ୍‌ସିସି ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ନରସିଂହ ସ୍ୱାଇଁ ଉଚ୍ଚ ବିଦ୍ୟାଳୟ, ଧନୁର୍ଜୟପୁର ନାରାୟଣ ଉଚ୍ଚବିଦ୍ୟାଳୟର ଏନ୍‌ସିସି କ୍ୟାଡେଟମାନେ ଭାଗ ନେଇଥିଲେ।

### ଯକ୍ଷ୍ମା ନିରାକରଣ ସଚେତନତା

**ବୈଶିଙ୍ଗା,୨୩।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯକ୍ଷ୍ମା ରୋଗ ନିରାକରଣ ଲାଗି ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବେତନଟୀ ବ୍ଲକ ଅନ୍ତର୍ଗତ ୨୪ଟି ପଞ୍ଚାୟତ ମଧ୍ୟରୁ ସର୍ବାଧିକ ଯକ୍ଷ୍ମା ପ୍ରଭାବିତ ୧୫ଟି ଗ୍ରାମରେ ଏହି ରୋଗ ବିରୋଧରେ କାର୍ଯ୍ୟକ୍ରମ ଜାରି ରହିବ। ଏହି ସବୁ ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ସ୍ୱାସ୍ଥ୍ୟକର୍ମୀମାନେ ଆଞ୍ଚଳିକ ଆଶା କର୍ମୀଙ୍କ ସହାୟତାରେ ସର୍ଭେ କରି ରୋଗ ନିରୀକ୍ଷଣ କରିବେ ଏବଂ ସନ୍ଦେହ ପରିସରରେ ଆସୁଥିବା ରୋଗୀମାନଙ୍କ ସ୍ୱାବ ସଂଗ୍ରହ କରି ଏହାର ପରୀକ୍ଷଣ ନିମନ୍ତେ ବୈଶିଙ୍ଗା ଏରିଆ ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରାଯାଇଛି। ସେଠାରେ ଚିହ୍ନଟ ରୋଗୀମାନଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ବ୍ୟବସ୍ଥା କରାଯିବ। ଡା. ସିପୁନ ପଣ୍ଡା, ଆୟୁଷ ଡାକ୍ତର ଜୟଦେବ ପଣ୍ଡା, ବିପିଏମ୍ ସସ୍ମିତା ଦାଶ, ବିଏଏମ୍ ଶକ୍ତି ରଞ୍ଜନ ମହାନ୍ତି, ବିଡିଏମ୍ ପ୍ରଶାନ୍ତ ବେହେରା,ଏସ୍‌ଟିଏସ୍ ଗୋବିନ୍ଦ ମହାକୁଡ଼, ଲାବରେଟରୀ ଟେକନିସିଆନ ଗିରିଧାରୀ ସାହୁ ଓ ସ୍ୱାସ୍ଥ୍ୟ ସୁପରଭାଇଜର୍ ସନ୍ତୋଷ କୁମାର ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଛେଳି ଚୋର ଧରି ପୋଲିସ ଜିମାଦେଲେ

**ଢେଙ୍କିକୋଟ, ୨୩।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଗଣ୍ଡସିଲା ଗ୍ରାମରୁ ଶନିବାର ଅପରାହ୍ନରେ ୨ଜଣ ଯୁବକ ଏକ ଛେଳି ଚୋରି କରି ବାଇକ୍‌ରେ ପଳାଉଥିବା ବେଳେ ତାଙ୍କ ପିଛାକରି ଗ୍ରାମବାସୀ ଧରି ପୋଲିସ ଜିମା ଦେଇଥିଲେ। ଗ୍ରାମବାସୀ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡାଙ୍କୁ ଖବର ଦେବାପରେ ଫାଣ୍ଡି ଅଧିକାରୀ ଘଟଗାଁ ଥାନା ଆଇ.ଆଇ.ସି ଶ୍ୟାମଘନ ବେହେରା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଛେଳି ଚୋରଙ୍କୁ ଥାନାକୁ ଆଣିଛନ୍ତି। ଏ ନେଇ ଘଟଗାଁ ଥାନାରେ ଉଭୟଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି।

# ବାଟ ଦେଖାଇଛି ସୋସିଆଲ ମିଡିଆ

**ବାରିପଦା ଅଫିସ, ୨୩।୧**


ଶାଢ଼ି ପ୍ରଦର୍ଶନ କରୁଛନ୍ତି ଡୋଲନ।

ଆତ୍ମବିଶ୍ୱାସ, ଆନ୍ତରିକତା ଓ କଠିନ ପରିଶ୍ରମ ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରଛନ୍ତି ଜଣେ ମହିଳା। ସୋସିଆଲ ମିଡିଆରେ ମନ ପସନ୍ଦର ସାମଗ୍ରୀକୁ ଉପସ୍ଥାପନା କରି ସେ ବେଶ୍ ରୋଜଗାରକ୍ଷମ ହୋଇପାରିଛନ୍ତି। ଏହା ଦ୍ୱାରା ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଦୁର୍ଦ୍ଦିନ ସମୟରେ ରୋଜଗାରର ମାଧ୍ୟମ ଖୋଲି ପରିବାର ମୁହଁରେ ହସ ଫୁଟାଇ ପାରିଥିବା ଏହି ସଫଳ ମହିଳା ହେଲେ ମୟୂରଭଞ୍ଜ ଜିଲା ବାରିପଦାର ମୁର୍ଗାବାଡ଼ିସ୍ଥିତ ସୁନୀତା ମରିଆଲ(ଡୋଲନ)।

ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଅଞ୍ଚଳରେ ରହୁଥିବା ଡୋଲନ ଓଡ଼ିଶାରେ ବିବାହ କରିଥିଲେ। ହସଖୁସିରେ ରହୁଥିବା ତାଙ୍କ ପରିବାର ପାଇଁ ମହାମାରୀ ଦେଇଥିଲା ତାଡ଼ନା। ଏହି ସମୟରେ ସ୍ୱାମୀ ଦିଲ୍ଲୀପଙ୍କ ରୋଜଗାରରେ ପଡ଼ିଲା ଭଟ୍ଟା। ପିଲାଟି ଦିନରୁ ଡଲୋନଙ୍କ ବିଭିନ୍ନ ଡିଜାଇନର ପୋଷାକ ପ୍ରତି ରୁଚି ଥିଲା। ସୁନ୍ଦର ଡିଜାଇନରର ପୋଷାକ, ଶାଢ଼ି ଏବଂ ଇମିଟେଶନ ଗହଣା ପରିଧାନ କରୁଥିବା ବେଳେ ସାହିପଡ଼ିଶାଙ୍କ ଆକର୍ଷଣ ସାଜୁଥିଲେ। କ୍ରମେ ସାଙ୍ଗସାଥି ଓ ଆତ୍ମୀୟ ସ୍ୱଜନଙ୍କ ପାଇଁ କୋଲକାତାରୁ ପସନ୍ଦଯୋଗ୍ୟ ଗାର୍ମେଟ ସଂଗ୍ରହ କରି ଯୋଗାଉଥିଲେ। ତେବେ ସ୍ୱାମୀଙ୍କ ସହଯୋଗରେ ସେ ବିଭିନ୍ନ ଡିଜାଇନ୍‌ର ପୋଷାକ ସହିତ ଇମିଟେଶନ ଗହଣା ବିକ୍ରି କରିବାକୁ ମନବଳାଇଥିଲେ। ପ୍ରଥମେ ଫେସବୁକ୍ ଫ୍ରେଣ୍ଡଙ୍କ ସହିତ ଲାଇଭ୍ ଭିଡିଓ ମାଧ୍ୟମରେ ବିଭିନ୍ନ ସାମଗ୍ରୀ ଉପସ୍ଥାପନ କଲେ। ଏହାର ଚାହିଦା ବୃଦ୍ଧି ପାଇବାରୁ ସାଙ୍ଗସାଥିମାନେ ବିଭିନ୍ନ ସାମଗ୍ରୀ କିଣିବାକୁ ଅର୍ଡର କରିବା ଆରମ୍ଭ କଲେ। ଯୁବତୀ ଓ ମହିଳାଙ୍କ ଅର୍ଡର ମୁତାବକ ସାମଗ୍ରୀକୁ ପାର୍ଶଲ ଯୋଗେ ଘରକୁ ପଠାଇଲେ ଡୋଲନ। ଧିରେ ଧିରେ ସୋସିଆଲ ମିଡିଆରେ ତାଙ୍କର ଚର୍ଚ୍ଚା ଜୋର ଧରିବାରୁ

### ସ୍ୱାବଲମ୍ବୀ ହେଲେ ଡୋଲନ

ଫେସ୍‌ବୁକ, ହ୍ୱାଟସଆପ୍, ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ହଜାର ହଜାର ମହିଳା ଏବେ ତାଙ୍କ ସହିତ ଯୋଡ଼ି ହୋଇଛନ୍ତି। ସପ୍ତାହକୁ ଦୁଇଥର ଅନ୍‌ଲାଇନ ମାଧ୍ୟମରେ ଶାଢ଼ି, ଇମିଟେଶନ, ଲେହେଙ୍ଗା, କୁର୍ତ୍ତି, ଦୁପଟ୍ଟା, ବେଡ୍‌ସିଟ, ସ୍କ୍ରିନ ସହିତ ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥାନ୍ତି ଡଲୋନ। ବାହାଘର, ବ୍ରତଘର, ପୂଜାପାର୍ବଣ, ମହୋତ୍ସବ ଆଦିରେ ଅର୍ଡର ନେଇ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ମେଦିନପୁର, ଖଡ଼ଗପୁର ଆଦି ଅଞ୍ଚଳକୁ ପାର୍ଶଲ ଯୋଗେ ପଠାଇ ଅନ୍‌ଲାଇନ ମାଧ୍ୟମରେ ଅର୍ଥ ସଂଗ୍ରହ କରିପାରୁଛନ୍ତି। ବାରିପଦା ସହରରୁ ମିଳୁଥିବା ଅର୍ଡରକୁ ନିଶୁଳ୍କ ଭାବେ ଘରେ ପହଞ୍ଚାଇ ଦେଉଛନ୍ତି। ଏହା ଦ୍ୱାରା ତାଙ୍କୁ ଆତ୍ମସନ୍ତୋଷ ମିଳିବା ସହିତ ଦୁଇ ମହିଳା କର୍ମଚାରୀଙ୍କୁ ମଧ୍ୟ ସେ ରୋଜଗାର ଯୋଗାଇ ଦେଇପାରିଛନ୍ତି। ଘରେ ବସି ସମୟକୁ ଅପଚୟ ନ କରି ୟୁଟ୍ୟୁବ୍ ଓ ଇଣ୍ଟରନେଟ୍ ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଡୋଲନ କହିଛନ୍ତି।

# ମୋ ସ୍କୁଲ ଅଭିଯାନରେ ବାଲେଶ୍ୱର ପ୍ରଥମ


ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ

Mo School Abhiyan Parichalana Sangathana
(A Government of Odisha Initiative under School & Mass Education Department)

Letter No ୬୨୫୨/MSA/୨୦୨୧ ୦୨୦୯(MV)/୨୦ Date ୨୧/୦୧/୨୦୨୧

SATYABRATA SAHU, IAS
Principal Secretary to Govt., School & Mass Education Dept. &
Vice-Chairperson, Mo School Abhiyan Parichalana Sangathan

Dear Ranjan,

Sub: Appreciation for your efforts under 'Mo School Abhiyan'.

In the last Executive Council meeting of Mo School Abhiyan held on 24th December' 2020, it was found that there was successful coverage of schools in your respective district. I appreciate your efforts of connecting the alumni to their schools and mobilizing projects at school level with alumni contribution of Rs 4,21,01,677/- which was placed before 20th Executive Council meeting of Mo School Abhiyan. I congratulate you and your team on submitting proposals from highest number of schools in any EC till date from any district.

I am sure the district will reach greater heights in terms of coverage and mobilization of projects under your able leadership and request you to continue the spirit of good work in your future endeavors.

With best wishes,

Yours sincerely,
(Satyabrata Sahu)

Mr. Ranjan Kumar Giri, OES-I
District Education Officer, Balasore

ବାଲେଶ୍ୱର ଜିଲାକୁ ମିଳିଥିବା ପ୍ରଶଂସାପତ୍ର।

**ବାଲେଶ୍ୱର ଅଫିସ, ୨୩।୧**

ମୋ ସ୍କୁଲ ଅଭିଯାନରେ ବାଲେଶ୍ୱର ଜିଲା ରାଜ୍ୟରେ ପ୍ରଥମ ହୋଇଛି । ଏନେଇ ଯୋଜନାର ସଫଳତା ନିମନ୍ତେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ମୋ ସ୍କୁଲ ଅଭିଯାନରେ ବାଲେଶ୍ୱର ଜିଲା ରାଜ୍ୟର ପ୍ରଥମ ସ୍ଥାନ ଅଧିକାର କରିଛି। ଜିଲାରୁ ମୋଟ ୪କୋଟି ୨୧ଲକ୍ଷ ୧ହଜାର ୬୧୭ଟଙ୍କା ପାଣ୍ଠି ସଂଗ୍ରହ କରାଯାଇ ମୋ ସ୍କୁଲ ଅଭିଯାନରେ ଜମା କରାଯାଇଛି। ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନ ତରଫରୁ ଗତ ଡିସେମ୍ବର ୧୨ ତାରିଖ

### ମିଳିଲା ପ୍ରଶଂସାପତ୍ର

ହୋଇଥିବା ୨୦ତମ କାର୍ଯ୍ୟକାରୀ ପରିଷଦ ବୈଠକରେ ବାଲେଶ୍ୱର ଜିଲା ରାଜ୍ୟର ପ୍ରଥମ ସ୍ଥାନ ମାନ୍ୟତା ପାଇଥିବା ନେଇ ପ୍ରକାଶ ପାଇଥିଲା। ଜିଲାର ସମସ୍ତ ବିଦ୍ୟାଳୟ ସହ ଯୋଡ଼ି ହୋଇଥିବା ଦାତା ତଥା ପୁରାତନ ଛାତ୍ର ଆଲୁମିନିଙ୍କର ମିଳିତ ଉଦ୍ୟମରେ ସଂଗୃହୀତ ହୋଇଥିବା ପାଣ୍ଠିକୁ ବିଦ୍ୟାଳୟଗୁଡ଼ିକର ଉନ୍ନତୀକରଣ ନିମନ୍ତେ ଖର୍ଚ୍ଚ କରାଯିବ। ଜିଲା ଶିକ୍ଷାଧିକାରୀ ଗିରି ଏହି ସଫଳତାର ଶ୍ରେୟ ମୋ ସ୍କୁଲ ଅଭିଯାନର ଟିମ୍‌କୁ ଦେଇଛନ୍ତି। ଆଗାମୀ ଦିନରେ ଅଧିକ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇ ବାଲେଶ୍ୱର ଜିଲାକୁ ଅଗ୍ରଣୀ ଶିକ୍ଷା ଜିଲାରେ ପରିଣତ କରାଯିବାର ଲକ୍ଷ୍ୟ ରଖିବାକୁ ଗିରି ଆହ୍ୱାନ ଦେଇଛନ୍ତି।

# ‘ଲୋକଙ୍କ ସମସ୍ୟାକୁ ନିଜର ଭାବ’



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

**ଭଣ୍ଡାରିପୋଖରୀ, ୨୩।୧(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଭାଜପା ପକ୍ଷରୁ ଦୁଇ ସଂଯୁକ୍ତ ମଣ୍ଡଳର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶାଖାର ପ୍ରଶିକ୍ଷଣ ବିଭାଗ ଆନୁକୂଲ୍ୟରେ ଭଣ୍ଡାରିପୋଖରୀ ଓ ସୁବର୍ଣ୍ଣମୁଖୀ ମଣ୍ଡଳ ପକ୍ଷରୁ ସଂଯୁକ୍ତ ପ୍ରଶିକ୍ଷଣ ଶିବିର ଦଳୀୟ ନେତା ବଦ୍ରିନାରାୟଣ ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସଭାପତି ଗିରୀଶ ଚନ୍ଦ୍ର ସାମଲ ଓ ପ୍ରଫୁଲ୍ଲ ସାହୁ ସଂଯୋଜନା କରିଥିଲେ। ପ୍ରଶିକ୍ଷକ ଭାବେ ସୋର ବିଧାନସଭା ନେତା ରାକେଶ କୁମାର ମଲ୍ଲିକ ଯୋଗଦେଇ ‘କାର୍ଯ୍ୟ ପଦ୍ଧତି ଓ ସଙ୍ଗଠନ ସଂରଚନାରେ ଆମର ଭୂମିକା’ ବିଷୟରେ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ। ପ୍ରଶିକ୍ଷକ ଭାବେ ରାଜ୍ୟ ମହିଳା ମୋର୍ଚ୍ଚାର ସମ୍ପାଦିକା ମନୀଷା ଚିନ୍ମୟୀ ବେହେରା ଓ ବରିଷ୍ଠ ନେତା ବସନ୍ତ ରାଉତ ‘ଭାଜପା ଏବଂ ଆମର ଦାୟିତ୍ୱ’ ବିଷୟରେ ଆଲୋକପାତ କରିଥିଲେ। ଅଶୋକ ରାଉଳ , ବରିଷ୍ଠ ନେତା ନିର୍ମଳ ଚନ୍ଦ୍ର କର, ଗଣମାଧ୍ୟମ ସଂଯୋଜକ ଶିବାନନ୍ଦ ସାହୁ ଓ ଅନ୍ତର୍ଯ୍ୟାମୀ ସାହୁ ମତ ରଖିଥିଲେ। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଲୋକଙ୍କର ପ୍ରତିଟି ସମସ୍ୟାକୁ ନିଜର ସମସ୍ୟା ଭାବେ ଗ୍ରହଣ କରି ଦଳ ପ୍ରତି ନିଷ୍ଠାକୁ ପ୍ରମାଣିତ କରିବା ଲାଗି ଆହ୍ୱାନ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ଖିଲାର ଅତିଥି ପରିଚୟ ପ୍ରଦାନ ଓ ସରପଞ୍ଚ କମଳ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସରପଞ୍ଚ ଜଗବନ୍ଧୁ ଦାସ, ମଣିକାଞ୍ଚନ ସେନାପତି, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ସୁରେଶ ସାମଲ, ତପସ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦ୍ୟୁମ୍ନ ସେନାପତି, ତରଣୀସେନ ପଣ୍ଡା, ଅଜୟ ପାତ୍ର, ପ୍ରଦୀପ ପାଢ଼ୀ, ରୁକ୍ମଣୀ ଦାସ, ଶକୁନ୍ତଳା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାରାଷ୍ଟାଫଙ୍କ ଘରେ ବନ ବିଭାଗର ଚଢ଼ାଉ

**ପାଟଣା, ୨୩।୧(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ କାର୍ଯ୍ୟରତ ପାରାଷ୍ଟାଫଙ୍କ ସାହାରପଡା ବ୍ଲକ ଗୋରାଣ୍ଡିଯୋଡ଼ି ଗ୍ରାମସ୍ଥିତ ଘରେ ଶନିବାର କେନ୍ଦୁଝର ମୋବାଇଲ ସ୍କ୍ୱାଡର ଫରେଷ୍ଟର ଶଶୀଭୂଷଣ ବାରିକ ଓ କ୍ଷୀରୋଦ ଚନ୍ଦ୍ର ଦାସଙ୍କ ସହ ବନ ବିଭାଗ କର୍ମଚାରୀ ସାମିଲ ହୋଇ ଚଢ଼ାଉ କରିଥିଲେ। ପାରାଷ୍ଟାଫଙ୍କ ବାଡ଼ିରେ କାଠ ଗଚ୍ଛିତ ଥିବା ଅଭିଯୋଗ ପରେ କେନ୍ଦୁଝର ଡିଏଫଓ ସ୍ୱୟମ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ସ୍କ୍ୱାଡ ଚଢ଼ାଉ କରିଛନ୍ତି। ତେବେ ଚଢ଼ାଉ ସମୟରେ ପାରାଷ୍ଟାଫ୍‌ଙ୍କ ବାଡ଼ିରେ ୮ ଖଣ୍ଡ ଶାଳ ଗଣ୍ଡି ପଡି ରହିଥିବା ସେମାନେ ଦେଖିବାକୁ ପାଇଥିଲେ। ଜବତ କାଠ କୁ ପାଟଣା ରେଞ୍ଜ ଅଫିସକୁ ନିଆ ନଯାଇ ପାରାଷ୍ଟାଫଙ୍କ ବାଡ଼ିରେ କିଭଳି ରଖାଯାଇଛି ତାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ। ଘଟଣା ସମ୍ପର୍କରେ ଫୋନ ଯୋଗେ କେନ୍ଦୁଝର ଡିଏଫଓ ମଲ୍ଲିକଙ୍କୁ ପଚାରିବାରୁ ଉକ୍ତ ଘଟଣାକୁ ନେଇ ଅଭିଯୋଗ ହୋଇଥିଲା ଚଢ଼ାଉ ହୋଇ ଗଚ୍ଛିତ ଥିବା କାଠ ଜବତ ହୋଇଥିବାବେଳେ ଅଧିକ ତଦନ୍ତ ଜାରି ରହିଛି।

# ସମ୍ପଦ ଗୃହ ଲୋକାର୍ପିତ


ସମ୍ପଦ ଗୃହକୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଲୋକାର୍ପିତ କରୁଛନ୍ତି।

**ଜଳେଶ୍ୱର, ୨୩।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଶୁକ୍ରବାର ୧୦ନଂ. ୱାର୍ଡ ଶାନ୍ତିଆ ଗ୍ରାମରେ ସମ୍ପଦ ଗୃହ ଲୋକାର୍ପିତ ହୋଇଛି । ଫଳରେ ୬୦ନଂ. ଜାତୀୟ ରାଜପଥ କଡ଼ରେ ପ୍ରତିଦିନ ମ୍ୟୁନିସିପାଲିଟି ଅଞ୍ଚଳରୁ ପକାଯାଉଥିବା ଅଳିଆ ଆବର୍ଜନା ଏଣିକି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ସୁପରିଚାଳନା କରାଯାଇ କମ୍ପୋଷ୍ଟ ଖତ ଉତ୍ପନ୍ନ କରିବାର ବ୍ୟବସ୍ଥା ହୋଇଛି। ୭୯ଲକ୍ଷ ଟଙ୍କା ବ୍ୟୟରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ଓ ୧୯ଲକ୍ଷ ଟଙ୍କା ବ୍ୟୟରେ ମାଟେରିଆଲ ରିକଭରି ଫାଶିଲିଟି ବ୍ୟବସ୍ଥା ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ପୌରୋହିତ୍ୟ କରି ଏପରି ଏକ ପ୍ରକଳ୍ପ ବାଲେଶ୍ୱର ଜିଲାରେ ଦ୍ୱିତୀୟ ଓ ଏହା ନିଯୁକ୍ତି ସୃଷ୍ଟି କରିପାରିବ ବୋଲି କହିଥିଲେ। ଏହାକୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଲୋକାର୍ପିତ କରି ଏଥିରେ ୨୩ଟି ଏସ୍ଏଚ୍‌ଜି ସଦସ୍ୟାମାନେ ନିଯୁକ୍ତି ପାଇପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସିତାଂଶୁ ସେନାପତି, ପ୍ରତୀପ କୁମାର ପ୍ରଧାନ, ଶଙ୍କର ଘୋଷ, ବିଜୟ କାମିଲା, ଅନନ୍ଦ କର, ସଞ୍ଜିବ ପାଳ, ଅବଦୁଲ ରହିମ, ଦିପୁ ସାମନ୍ତ, ନନ ମହାନ୍ତି, ସତ୍ୟବତୀ ଗିରି, ଚିତ୍ତରଞ୍ଜନ ମହାନ୍ତି, ଅର୍ଚ୍ଚନା ଗିରି, ରଣ୍ଟୁ ସେନାପତି, ମନୋରଞ୍ଜନ ଦାସ, ଅମୂଲ୍ୟ ଦତ୍ତ, ହରିଶ୍ଚନ୍ଦ୍ର ପ୍ରଧାନ, ଅନନ୍ତ ଦାସ, ପୌର କର୍ମଚାରୀ ଜ୍ୟୋତ୍ସ୍ନା ପତି, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଆନନ୍ଦପୁର, ୨୩।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁର ୮ନଂ ୱାର୍ଡ ଦିବ୍ୟରଞ୍ଜନ ପାତ୍ର(୨୪)ଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆନନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୧)ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଫକୀରପୁର ୮ ନଂ ୱାର୍ଡ ପୂର୍ଣ୍ଣ ଚନ୍ଦ୍ର ପାତ୍ରଙ୍କ ପୁଅ ଦିବ୍ୟରଞ୍ଜନ ପାତ୍ର(୨୪) ୯ ନଂ ୱାର୍ଡ ହାଇସ୍କୁଲ ନିକଟରେ ଏକ ଲୁଗାଦୋକାନ ଦେଇଥିଲେ। ଶୁକ୍ରବାର ରାତିରେ ଘରେ ଖାଇସାରିବା ପରେ ନିଜ ଲୁଗା ଦୋକାନ ଘରେ ଶୋଇଥିଲେ। ସକାଳ ହେବା ପରେ ଦୋକାନ କବାଟ ଖୋଲା ନ ଯିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ପରିବାର ଲୋକେ ସୂଚନା ପାଇ ଦୋକାନ କବାଟ ବାହାର କରି ଦିବ୍ୟରଞ୍ଜନଙ୍କୁ ଉଦ୍ଧାର କରିବା ସହିତ ୧୦୮ ଆମ୍ବୁଲାନ୍ସ ସହାୟତାରେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲା। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବାବେଳେ ଏହାକୁ ନେଇ ନାନା ଚର୍ଚ୍ଚା ଲାଗିରହିଛି। ବ୍ୟବଚ୍ଛେଦ ରିପୋଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ଥାନା ଆଧିକାରୀ ବିରଞ୍ଚି ବାଗ ସୂଚନା ଦେଇଛନ୍ତି।

## ଚୋରି ସୁନାଗହଣା ଉଦ୍ଧାର: ୨ଗିରଫ

**ବାରିପଦା ଅଫିସ, ୨୩।୧**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ୧୯ନଂ. ୱାର୍ଡ ବଡ଼େଇସାହିର ଭାନୁ ମଙ୍ଗରାଜଙ୍କ ଘରୁ ଚୋରି ହୋଇଥିବା ୯୦ହଜାର ଟଙ୍କାର ସୁନାଗହଣାକୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ଅଭିଯୁକ୍ତ ଉମାକାନ୍ତ କମିଲା ଓ ପେଚି ସିଂଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଗେଙ୍ଗୁଟିରେ ବିଜୁସେତୁ ଲାଗି ଶିଳାନ୍ୟାସ

**ତିହିଡ଼ି/ଆରଡ଼ି, ୨୩।୧(ସ୍ୱ.ପ୍ର./ ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତରୁ ଆରଡ଼ି ଅଞ୍ଚଳର ନାନ୍ଦପୁର ପଞ୍ଚାୟତକୁ ସଂଯୋଗୀକରଣ କରିବା ପାଇଁ ଗେଙ୍ଗୁଟି ନଦୀ ଉପରେ ଏକ ବିଜୁସେତୁ ନିର୍ମାଣ ଲାଗି ଶନିବାର ଶିଳାନ୍ୟାସ କରାଯାଇଛି। ମଧ୍ୟାହ୍ନରେ ଗୋବିନ୍ଦପୁରରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ମାନସ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ, ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ବ୍ଲକ ବିଜେଡି ସଭାପତି ରଘୁନାଥ ପଣ୍ଡା, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅଶୋକ ବଳ, ପ୍ରଶାନ୍ତ ବିଶ୍ୱାଳ, ନୃସିଂହ ମହାକୁଡ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ଅବିନାଶ ବାରିକ, ସେତୁ ନିର୍ମାଣ ଟେଣ୍ଡର ନେଇଥିବା କମ୍ପାନୀ ଫର୍‌ଚୁନ ଗ୍ରୁପର ଅଧକ୍ଷ ମାନସ ପାଠୀ, ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ସେତୁ ନିର୍ମାଣ ତିହିଡ଼ି ବ୍ଲକରୁ ଚାନ୍ଦବାଲି ବ୍ଲକର ଆରଡ଼ି ଅଞ୍ଚଳକୁ ଗମନାଗମନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିବା ଏମ୍‌ପି ମତପ୍ରକାଶ କରିଥିଲେ। ସେତୁ ପାଇଁ ୯.୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ସୂଚନା ଦିଆଯାଇଛି। ପୂର୍ବତନ ସରପଞ୍ଚ ପ୍ରସନ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଅତିଥି।

# ଧାନବସ୍ତା ରଖି ଚାଷୀଙ୍କ ଧାରଣା

**ବନ୍ତ, ୨୩।୧(ଡି.ଏନ.ଏ)**



ରାମଚନ୍ଦ୍ରପୁର ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣାରତ ଚାଷୀମାନେ।

ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସମ୍ମୁଖରେ ଚାଷୀମାନେ ଧାନକ୍ରୟ ଉପକେନ୍ଦ୍ର ଖୋଲିବାକୁ ଦାବି କରି ଶନିବାରଠାରୁ ଧାନବସ୍ତା ପକାଇ ଧାରଣା ଦେଇଛନ୍ତି। ବସନ୍ତିଆ ସେବା ସମବାୟ ସମିତି ଅଧୀନରେ ବସନ୍ତିଆ, ରାମଚନ୍ଦ୍ରପୁର ଓ ଆଡ଼ିଆ ଆଦି ପଞ୍ଚାୟତର ଚାଷୀ ରହିଛନ୍ତି। ରାମଚନ୍ଦ୍ରପୁର ଓ ଆଡିଆର ଚାଷୀମାନେ ୧୨ କି.ମି. ଦୂର ଏହି ସମିତିରେ ଧାନ ବିକିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିନେଇ ବହୁବାର ଆନ୍ଦୋଳନ ହେବା ପରେ ୨୦୧୩-୧୪ ଠାରୁ ରାମଚନ୍ଦ୍ରପୁର ପଞ୍ଚାୟତ ଅଫିସ୍ ନିକଟରେ ଧାନକ୍ରୟ ଉପକେନ୍ଦ୍ର ଖୋଲାଯାଇ ଚାଷୀମାନଙ୍କଠାରୁ ଧାନ କିଣା ଯାଉଥିଲା। ଚଳିତବର୍ଷ ଏଠାରେ ଧାନକ୍ରୟ ଉପକେନ୍ଦ୍ର ଖୋଲାଯାଇ ନ ଥିବାରୁ ଅସୁବିଧା ଭୋଗୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଠାରେ ଧାନକ୍ରୟ ଉପକେନ୍ଦ୍ର ଖୋଲିବା ନେଇ ୨୦୨୦ ଅଗଷ୍ଟ ୧୯ରେ ଶତାଧିକ ଚାଷୀ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ରାଜ୍ୟ ଯୋଗାଣ ନିଗମ, ସହକାରୀ ନିବନ୍ଧକ ସେବା ସମବାୟ ସମିତିକୁ ଲିଖିତ ଭାବେ ଦାବି ଜଣାଇଥିଲେ। ଚଳିତ ଜାନୁୟାରୀ ୧୧ରେ ମଧ୍ୟ ଜିଲାପାଳଙ୍କ ସମେତ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ଧାରଣାରେ ବସିଥିବା କହିଛନ୍ତି ଚାଷୀ। ଜୟନ୍ତ ଜେନା, ମାର୍କଣ୍ଡ ଚରଣ ବାରିକ, ଶିବସୁନ୍ଦର ଜେନା, ଆକବର ଅଲ୍ଲୀ, ବୃନ୍ଦାବନ ଜେନା, ଜଗନ୍ନାଥ ପ୍ରଧାନ, ଅକ୍ଷୟ ଜେନା, ଶରତ ଜେନା, ଗୌରାଙ୍ଗ ସାହୁ, ନିତ୍ୟାନନ୍ଦ ସାହୁ, ବଳରାମ ଜେନା, ଶରତ କୁମାର ରାଉତ ପ୍ରମୁଖ ଶତାଧିକ ଚାଷୀ ଏଥିରେ ସାମିଲ ଅଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରାଙ୍କୁ ପଚାରିବାରୁ ଉକ୍ତ ପଞ୍ଚାୟତର ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ମା’ ବାସୁଳି ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଥିବା କହିଛନ୍ତି।

### ଧାନକ୍ରୟ ଉପକେନ୍ଦ୍ର ଖୋଲିବାକୁ ଦାବି

## ଅଟୋ-କ୍ୟାମ୍ପର ମୁହାଁମୁହିଁ, ୬ ଆହତ

ଯୋଡ଼ା,(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଛକରେ ଶନିବାର ସନ୍ଧ୍ୟାରେ ଏକ କ୍ୟାମ୍ପର ସହିତ ଅଟୋର ଧକ୍କା ଫଳରେ ଅଟୋରେ ବସିଥିବା ୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଡାକ୍ତରଖାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଟୋର ଡ୍ରାଇଭର ସମେତ ବସିଥିବା ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ଗୁରୁତର ୪ ଜଣ ହେଲେ ବିଟୁ ମୁଣ୍ଡା, ରବିମୁଣ୍ଡା, କାଲୁ କାରୁଆ, ନିଗରୁ ସାମାଟ୍। ଏମାନଙ୍କ ଘର ଯୋଡାସ୍ଥିତ କୁନ୍ଦୁରୁନାଳା। ସ୍ଥାନୀୟ ଲୋକେ ଆହତଙ୍କୁ ଟାଟା କମ୍ପାନୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ୬ ଗାଡ଼ିରୁ ୭୩,୮୦୩ ଜରିମାନା

ପଦ୍ମପୁର, ୨୩।୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଞ୍ଚଳରେ ବିଭିନ୍ନ ରାସ୍ତା ଓ ଘରୋଇ କାମ ପାଇଁ ପ୍ରତ୍ୟେହ ବାଲି, ମୋରମ, ଚିପ୍ସ, ପଥର ଆଦି ଟ୍ରକ, ହାଇୱା ଓ ଟିପ୍ପରରେ ଚାଲାଣ ହେଉଛି। ସରକାରଙ୍କ ରାଜସ୍ୱ ଫାଙ୍କିବା ପାଇଁ ଅଭିନବ ଉପାୟରେ ଚାଲାଣକୁ ମ୍ୟାଜିକ କଲମ ସାହାଯ୍ୟରେ ବଦଳାଇ ଦସ୍ତଖତ ଜାଲିଆତି କରି ଓଭରଲୋଡ଼ିଂ ମାଲ ନିଆଯାଉଥିବା ଅଭିଯୋଗ ହେଉଛି। ଭଦ୍ରକ-ଇଚ୍ଛାପୁର ରାସ୍ତାଠାରୁ ନେଇ ଜାମୁଝାଡ଼ି- ଧାମରା ଭାୟା ବାସୁଦେବପୁର ଦେଇ ପ୍ରତ୍ୟେହ ଶତାଧିକ ଗାଡ଼ିରେ ଏଭଳି ପରିବହନ କରାଯାଉଛି। ଶୁକ୍ରବାର ସନ୍ଧ୍ୟାରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ୬ ଗାଡ଼ିରୁ ୭୩,୮୦୩ ଟଙ୍କା ଜରିମାନା ଆଦାୟ କରିଛନ୍ତି। ୨ ବେଆଇନ ବାଲି ଚାଲାଣ ଟ୍ରକ୍‌ଠାରୁ ୩୩,୦୭୯ ଟଙ୍କା ଓ ମାଟି ଖୋଳି ଉଠାଣ କରୁଥିବା ୪ ଟ୍ରାକ୍ଟରରୁ ୪୦, ୭୨୪ ଟଙ୍କା ଜରିମାନା ଆଦାୟ କରିଥିବା ସୂଚନା ଦେଇଛନ୍ତି।

### ଭାରସାମ୍ୟ ହରାଇ ଗଛକୁ ପିଟିଲା ଟ୍ରେଲର

ଯୋଡା,୨୩।୧(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯାଡା ଥାନା କଳାପାହାଡ ନିକଟରେ ଏକ ଟ୍ରେଲର ଭାରସାମ୍ୟ ହରାଇ ଗଛକୁ ପିଟି ଦୁର୍ଘଟଣା ଘଟିଛି। ଏଚଆର-୬୯ବି-୯୨୮୧ ନମ୍ବର ଟ୍ରେଲର ଆଇରନ ବୋଝେଇ କରି ଯାଉଥିବା ବେଳେ ଶନିବାର କଳାପାହାଡ ଘାଟିରେ ଭାରସାମ୍ୟ ହରାଇ ମହମ୍ମଦ ଆଲାମଙ୍କ ଦୋକାନକୁ ଧକ୍କାଦେବା ପରେ ଅଣାୟତ ହୋଇ ଗଛରେ ଟ୍ରେଲରଟି ଦୁର୍ଘଟଣା ଘଟାଇଥିଲା । ଏମଡି ଆଲାମ ଦୋକାନରେ ଥିବାବେଳେ ତାଙ୍କ ପେଟରେ ଏକ ଲୁହାରଡ ପଶିଯିବା ଫଳରେ ସେ ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଟାଟାଷ୍ଟିଲ ହସ୍ପିଟାଲକୁ ନିଆଯାଉଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଆଲାମଙ୍କୁ ଝାଡଖଣ୍ଡ ରାଜ୍ୟର ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏମଡି ଆଲାମଙ୍କ ଭାଇ କୁଦୁସ ଆଲାମଙ୍କ ଅଭିଯୋଗକୁ ଭିତି କରି ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରେଲରକୁ ଜବତ କରି ଏକ ମାମଲା (ନଂ.୧୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ଭୂମିହୀନଙ୍କୁ ପଟ୍ଟା ନ ଦେଲେ ଆନ୍ଦୋଳନ ଚେତାବନୀ

ଭୋଗରାଇ, ୨୩।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ୫୦ ପଞ୍ଚାୟତର ବହୁ ଗରିବ ଖଟିଖିଆଙ୍କ ଭୂମି ନ ଥିବାରୁ ସେମାନଙ୍କ ଜୀବନଜୀବିକା ଦୁର୍ବିଷହ ହୋଇପଡ଼ିଛି। ବିଶେଷତଃ ଆଦିବାସୀ ହରିଜନ ଓ ଅନୁନ୍ନତ ବର୍ଗର ଲୋକଙ୍କର ଜମି ଜାଗା ନ ଥିବାରୁ ସେମାନେ ଖୋଲା ଆକାଶ ତଳେ ଜୀବିକା ନିର୍ବାହ କରୁଛନ୍ତି। ଏଭଳି ସ୍ଥିତିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସ ସେବା ପରିଷଦ ପକ୍ଷରୁ ଗରିବଙ୍କୁ ଜମି ଓ ପଟ୍ଟା ଦେବାକୁ ଦାବି କରି ଶୁକ୍ରବାର ଭୋଗରାଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅବିଳମ୍ବେ ପ୍ରଶାସନ କିମ୍ବା ସରକାର ନ୍ୟାୟୋଚିତ ଦାବି ମାନି ନ ଦେଲେ ଭବିଷ୍ୟତକୁ ଏକ ବଡ଼ ଆନ୍ଦୋଳନ କରାଯିବ ବୋଲି ପରିଷଦ ସଭାନେତ୍ରୀ ଅପର୍ଣ୍ଣା ମହାପାତ୍ର ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏଥିସହିତ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସଙ୍କ ନାମିତ କରି ନେଗୁଆଁ ଛକରୁ କଖିଡ଼ା ସୀମାନ୍ତ ରାସ୍ତାକୁ ପ୍ରଶସ୍ତୀକରଣ କରାଯିବା ସହ ନେଗୁଆଁ ଛକରେ ସ୍ୱାଧୀନତା ସଂଗ୍ରାମୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିକୁ ଠିକ୍ ସ୍ଥାନରେ ଅବସ୍ଥାପିତ କରିବା ଓ ଶବଦାହ ନିମନ୍ତେ ଏକ ବୈଦ୍ୟୁତିକ୍ ଚୁଲା କାର୍ଯ୍ୟକାରୀ କରିବାକୁ ପରିଷଦର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।

### ଶହୀଦ୍ ପୂର୍ଣ୍ଣଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସ୍ମୃତିଭବନ ଶିଳାନ୍ୟାସ

ପଦ୍ମପୁର,୨୩।୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଜଘରପୋଖରୀଠାରେ ଶହୀଦ୍ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ରାଜଘରପୋଖରୀଠାରେ ଶହୀଦ୍ ଯବାନଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ସାମାଜିକ କର୍ମୀ ବୈଲୋଚନ ଯେନା, ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗଣଦୌଡ଼ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜିଲାର ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘର ବହୁ ସଦସ୍ୟ ଯୋଗ ଦେଇଥିଲେ। ତହସିଲଦାର ପାଣିଗ୍ରାହୀ ଶହୀଦଙ୍କ ସ୍ମୃତି ପାଇଁ ଏକ ସ୍ମୃତିଭବନର ଶିଳାନ୍ୟାସ କରିଥିଲେ।

# ଯୁବ, ଛାତ୍ରଙ୍କୁ ଏକାଠି କରିବାକୁ ବିଜେଡିର ପ୍ରୟାସ

- ୩୦ରୁ ମୟୂରଭଞ୍ଜ ପ୍ରିମିୟମ ଲିଗ୍
- ଲୋଗୋ,ଜର୍ସି ଉନ୍ମୋଚିତ

ବାରିପଦା ଅଫିସ,୨୩।୧

ଯୁବ ଓ ଛାତ୍ରଙ୍କୁ ଏକାଠି କରି ସଂଗଠନ ସୁଦୃଢ଼ କରିବା ପାଇଁ ବିଜେଡ଼ି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। କ୍ରୀଡ଼ା ମାଧ୍ୟମରେ ଯୁବ ପ୍ରତିଭାମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଦଳ ପକ୍ଷରୁ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବ 'ମୟୂରଭଞ୍ଜ ପ୍ରିମିୟମ ଲିଗ୍' । ଏଥିରେ ଫୁଟବଲ ଓ କ୍ରିକେଟ ଖେଳ ହେବାକୁ ଥିବା ବେଳେ ଶନିବାର ଏହାର ଲୋଗୋ, ଜର୍ସି ଓ ଥିମ ସଙ୍ଗୀତ ଉନ୍ମୋଚନ ହୋଇଥିଲା।

ଏହି ଅବସରରେ ଆୟୋଜିତ ଉତ୍ସବରେ ବିଜେଡି ରାଜ୍ୟ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି, ବିଧାୟକ ତଥା ବିଜେଡିର ଉପଦେଷ୍ଟା ପ୍ରଣବ ବଳବନ୍ତରାୟ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଖଦିବୋର୍ଡ ଅଧ୍ୟକ୍ଷ ଚିନ୍ମୟ ସାହୁ, ପୂର୍ବତନ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବିଜୁ ଛାତ୍ର ଜନତା ସଭାପତି ସୁନୀଲ ନାୟକ, ବିଜୁ ଯୁବ ସଭାପତି ଅରୁଣ ବରାଡ଼ ପ୍ରମୁଖ ଉପସ୍ଥିତ ରହି ଏହା ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋରଡ଼ା ବିଧାୟକ ରାଜକିଶୋର ଦାସ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, କୃଷି ନିଗର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ମୟୂରଭଞ୍ଜ(୨) ଯୁବ ସଭାପତି ଅଭିଷେକ ପଟ୍ଟନାୟକ ଓ ଛାତ୍ର ସଭାପତି ଅନୀଶ ମାନ୍ନା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଲିଗ ପ୍ରତିଯୋଗିତା ଚଳିତ ମାସ ୩୦ରୁ ଆରମ୍ଭ ହୋଇ ଫେବୃଆରୀ ୬ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରରେ ଆୟୋଜନ କରାଯିବ। କୃତୀ ପ୍ରତିଯୋଗୀଙ୍କୁ ନେଇ ଫେବୃଆରୀ ୮ରୁ ମାର୍ଚ୍ଚ ୧ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ବାରିପଦା ଷ୍ଟାଡିୟମରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ମାର୍ଚ୍ଚ ୨ ଓ ୩ ତାରିଖ ରାଇରଙ୍ଗପୁର ଷ୍ଟାଡିୟମରେ ଫୁଟବଲ ଖେଳର ସେମିଫାଇନାଲ ଓ ଫାଇନାଲ ଏବଂ ମାର୍ଚ୍ଚ ୫ ଓ ୬ତାରିଖ କ୍ରିକେଟ ସେମି ଫାଇନାଲ ଓ ଫାଇନାଲ ଖେଳ ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଜିଲାର ୨୬ଟି ବ୍ଲକରୁ ୮ଟି ଲେଖାଏଁ ଫୁଟବଲ ଓ କ୍ରିକେଟ ଦଳ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ୨ଟି ଏନ୍‌ଏସିରୁ ୨ଟି ଲେଖାଏଁ ଦଳ ଓ ୨ଟି ମ୍ୟୁନସିପାଲିଟି ଅଞ୍ଚଳରୁ ୪ଟି ଲେଖାଏଁ ଦଳ ଅଂଶ ଗ୍ରହଣ କରିବେ। ବ୍ଲକସ୍ତରୀୟ ଟୁର୍ନାମେଣ୍ଟ ସରିବା ପରେ ଜିଲାସ୍ତରୀୟ ଟୁର୍ନାମେଣ୍ଟ ଖେଳାଯିବ। ଏହାଦ୍ୱାରା ସମଗ୍ର ଜିଲାର ଯୁବ ଓ ଛାତ୍ରଙ୍କୁ ଏକାଠି କରାଯାଇ ଭାଇଚାରାର ସମ୍ପର୍କକୁ ସୁଦୃଢ଼ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ମୟୂରଭଞ୍ଜ ପ୍ରିମିୟର ଲିଗ୍ ଲୋଗୋ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କ୍ରିକେଟ ଦଳରେ ଜଣକୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି, ଶ୍ରେଷ୍ଠ ବୋଲର, ବ୍ୟାଟ୍ସମ୍ୟାନ ଓ ଫିଲଡରଙ୍କୁ ୫ହଜାର ଏବଂ ଉଭୟ ଫୁଟବଲ ଓ କ୍ରିକେଟ ଦଳର ମ୍ୟାନ୍ ଅଫ ଦି ସିରିଜକୁ ଗୋଟିଏ ଲେଖାଏଁ ହିରୋ ସିବିଜେଡ୍ ଏକ୍ସଟ୍ରିମ-୧୬୦ଆର ପ୍ରଦାନ କରାଯିବ। ସେହିପରି ଫୁଟବଲ ଖେଳରେ ମ୍ୟାନ ଅଫ୍ ଦି ମ୍ୟାଚ, ଶ୍ରେଷ୍ଠ ଷ୍ଟ୍ରାଇକର ଓ ଗୋଲ କିପରଙ୍କୁ ୫ହଜାର ଟଙ୍କା ଏବଂ ଫୁଟବଲ ଓ କ୍ରିକେଟର ଚାମ୍ପିୟନ ଦଳକୁ ୧ଲକ୍ଷ ଓ ରନର୍ସ ଅପ ଦଳକୁ ୫୦ହଜାର ଟଙ୍କା ପ୍ରଦାନ କରାଯିବ। ବିଜୁ ଜନତା ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପନ କରାଯିବ ବୋଲି ଦଳ ସୂଚନା ଦେଇଛି।

## ଖେଳପଡ଼ିଆ ଉନ୍ନତୀକରଣ ଲାଗି ଭିତ୍ତିପ୍ରସ୍ତର

ଖଇରା, ୨୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳ ପଡ଼ିଆର ଉନ୍ନତୀକରଣ ଲାଗି ଶ୍ରୀରାମପୁର ସ୍ପୋର୍ଟସ୍ ଆସୋସିଏଶନ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଶେଷରେ ଲୋକଙ୍କ ଦାବିକୁ ଗ୍ରହଣ କରିଛନ୍ତି ସ୍ଥାନୀୟ ସରପଞ୍ଚ ସୁଶାନ୍ତ ମହାକୁଡ଼ । ସେ ପଞ୍ଚାୟତ ପାଣ୍ଠିରୁ ଖେଳପଡ଼ିଆର ଉନ୍ନତୀକରଣ ପାଇଁ ୫ଲକ୍ଷ ଓ ପଡ଼ିଆକୁ ସଂଯୋଗୀକରଣ ପୋଲ ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଅଭୀଲିପ୍ସା ସାହୁ ଓ ସରପଞ୍ଚ ମହାକୁଡ ଅତିଥି ଭାବେ ଯୋଗଦେଇ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନାଏବ ସରପଞ୍ଚ ବୁଦ୍ଧିରାମ ନାଏକ ଓ ୱାର୍ଡସଭ୍ୟା ଶ୍ୱାଶତୀ ଦତ୍ତ, ଗୟାଧର ବେହେରା, ମନୋରଞ୍ଜନ ମୁଦୁଲୀ, କୁଶ ନାୟକ, ଗୋପାଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଗୋପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଯୁବପିଢ଼ି ଦେଶ ସେବାରେ ନିୟୋଜିତ ହୁଅନ୍ତୁ'




ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାରିପଦା ଅଫିସ,୨୩।୧

ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲା ବାଇଗଣବାଡ଼ିଆ ସ୍ଥିତ ବି.ବି.କଲେଜରେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡଃ.ଜତିନ୍ଦ୍ର ନାଥ ସିଂଦେବ ସଚ୍ଚାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେତାଜୀଙ୍କ ଜୀବନୀ, ଦେଶପ୍ରେମ ସମ୍ପର୍କରେ ଆଲୋଚନା ହୋଇଥିଲା। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ.ଶୁଭେନ୍ଦୁ ଦାସ ଯୋଗଦେଇ କୌଣସି କାର୍ଯ୍ୟକୁ ସାହାସର ସହିତ ମୁକାବିଲା କରି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ନେତାଜୀଙ୍କ ସ୍ୱଦେଶ ପ୍ରୀତିକୁ ଅନୁଶୀଳନ କରି ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ମୁଖ୍ୟଅତିଥି ପ୍ରାଧ୍ୟାପକ କୁମାରମଣି ନାୟକ ଛାତ୍ରୀଛାତ୍ର ତଥା ଯୁବପିଢ଼ିଙ୍କୁ ଉପଦେଶ ଦେଇଥିଲେ। ଅଧ୍ୟାପିକା ଭାରତୀ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପକ ହରିଶଙ୍କର ମହାକୁଡ଼ ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପିକା ସୁଇଟି ମୁର୍ମୁ, ଚଣ୍ଡିଚରଣ ଦଣ୍ଡପାଟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

## ଚୋର ଗିରଫ, ଚୋରି ସୁନାଗହଣା ଉଦ୍ଧାର

ଆରଡ଼ି, ୨୩।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଞ୍ଚଳର ବୋଡକ ଗାଁର ନିଲମ ମାଝିଙ୍କୁ ଚୋରି ଅଭିଯୋଗରେ ପୋଲିସ ଗିରଫ କରିଛି। ତାଙ୍କଠାରୁ ଚୋରି ଜିନିଷ ଉଦ୍ଧାର କରାଯାଇଛି। ଗତ ୧୮ ତାରିଖରେ ସେହି ଗାଁର କାର୍ତ୍ତିକ ସାମଲଙ୍କ ଘରୁ ପ୍ରାୟ ୫ ଭରି ଓଜନର ସୁନାଗହଣା ଚୋରି ହୋଇଥିଲା। ଏ ନେଇ ଅଭିଯୋଗକୁ ଭିତ୍ତିକରି ଆରଡ଼ି ଫାଣ୍ଡି ଅଧିକାରୀ ତଦନ୍ତ ଜାରି ରଖିଥିଲେ। ସନ୍ଦେହରେ ନିଲମଙ୍କୁ ଶୁକ୍ରବାର ଫାଣ୍ଡିକୁ ଡାକି ପଚରାଉଚରା କରୁଥିବା ବେଳେ ସେ ସେଠାରୁ ଚମ୍ପଟ ମାରିଥିଲେ। ଶନିବାର ଆରଡ଼ି ପୋଲିସ ନିଲମଙ୍କୁ ତାଙ୍କ ଗାଁରୁ ଗିରଫ କରିବାରେ ସକ୍ଷମ ହୋଇଛି। ତାଙ୍କଠାରୁ ପୂର୍ବରୁ ଚୋରି ହୋଇଥିବା ସମସ୍ତ ସୁନାଗହଣା ପୋଲିସ ଜବତ କରି ସମ୍ପୃକ୍ତ ପରିବାରକୁ ହସ୍ତାନ୍ତର କରିଛି। ଦୁଇମାସ ତଳେ ସେହି ଗାଁର ଅନ୍ୟ ଜଣଙ୍କ ଘରୁ ୨ଟି ମୋବାଇଲ ଚୋରି କରିଥିବା ନିଲମ ସ୍ୱୀକାର କରିଛନ୍ତି। ଆରଡ଼ି ପୋଲିସ ତାଙ୍କୁ ଧୂଷୁରୀ ଥାନାକୁ ପଠାଇଛି। ଏ ନେଇ ଧୂଷୁରୀ ଥାନାରେ ମାମଲା (ନଂ.୧୩/୨୦) ରୁଜୁ ହୋଇଥିବା ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ ସୂଚନା ଦେଇଛନ୍ତି।

# ୪ ଅଭିଯୁକ୍ତ ଗିରଫ

ବାରିପଦା ଅଫିସ,୨୩।୧

ମୟୂରଭଞ୍ଜ ଜିଲା ବାଙ୍ଗରିପୋଷି ଥାନା ଅଞ୍ଚଳରେ ଘଟିଥିବା ଜଣେ ଯୁବକଙ୍କ ହତ୍ୟା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏନେଇ ବାରିପଦା ଏସ୍‌ଡିପିଓ କେ.କେ.ହରିପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୨ଟି ବାଇକ୍, ୪ଟି ମୋବାଇଲ ଓ ରକ୍ତ ଲାଗିଥିବା ପଥର ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ବାଙ୍ଗିରିପୋଷି ଥାନା ଅଧୀନ କ୍ରିପାଡୁମା ଗ୍ରାମର ରାମଦାସ ମାରାଣ୍ଡି, ନୁନାରାମ ମୁର୍ମୁ, ଦୀପକ ନାଏକ ଓ ତିଳ ଗ୍ରାମର ଜଗନ୍ନାଥ ସୋରେନ। ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା (ନଂ.୧୨/୨୧) ରୁଜୁ ହୋଇଥିବା ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବାଙ୍ଗିରିପୋଷି ଥାନା ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ସୁନାପୋଷି ଗ୍ରାମର ରମେଶ ସିଂଙ୍କ ପୁଅ ବିମଳ ଗତ ୧୮ତାରିଖରୁ ନିଖୋଜ ଥିଲେ। ଅଭିଯୁକ୍ତମାନେ ତାଙ୍କୁ ଭୋଜି ଖାଇବାକୁ ଡାକିନେଇ ନିକଟସ୍ଥ ଜଙ୍ଗଲର ଠାକୁରାଣୀ ପାହାଡ଼ରେ ପଥରରେ ଛେଚି ହତ୍ୟା କରିଥିଲେ। ଘଟଣା ଲୁଚାଇବା ପାଇଁ ମୃତକଙ୍କ ଶବକୁ ପଥର ଘୋଡ଼ାଇ ଦେଇଥିଲେ। ତେବେ ମୃତକଙ୍କ ମୋବାଇଲକୁ ଟ୍ରାକିଂ କରି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ଘଟଣାସ୍ଥଳକୁ ଯାଇ ହତ୍ୟାକାଣ୍ଡର ଡେମୋ ଦେଖାଇଛନ୍ତି। ତେବେ ହତ୍ୟାର କାରଣ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇନାହିଁ ।



ଗିରଫ ୪ ଅଭିଯୁକ୍ତ।

# ପୂର୍ବତନ ଏସ୍‌ପିଙ୍କୁ ୧ ଲକ୍ଷ ଜରିମାନା

**ସୂଚନା ଅଧିକାର ନିୟମ ଉଲ୍ଲଂଘନ**

ସୋର, ୨୩।୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ପାହାଡତଳି ବାଘଆମ୍ବୁଡା ଅଞ୍ଚଳର ସମାଜସେବୀ ବନଜା ମଞ୍ଜରୀ ମିଶ୍ର ଆର୍‌ଟିଆଇରେ ମାଗିଥିବା ସୂଚନା ନ ଦେବାରୁ ପୂର୍ବତନ ବାଲେଶ୍ୱର ଏସ୍‌ପି ନୀତିଶେଖରଙ୍କୁ ସୂଚନା ଅଧିକାର କମିଶନର ସୁଶୀଲ କୁମାର ମିଶ୍ର ୧ ଲକ୍ଷ ଟଙ୍କା ଜରିମାନା ଦେବା ସହ ଏକ ସପ୍ତାହ ମଧ୍ୟରେ ମଗାଯାଇଥିବା ତଥ୍ୟ ପ୍ରଦାନ କରିବାକୁ ରାୟରେ ପ୍ରକାଶ କରିଛନ୍ତି।

ଏହି ଅଞ୍ଚଳରେ ଏକ ଆବାସିକ ବିଦ୍ୟାଳୟର ସରକାରୀ ସ୍ୱୀକୃତି ଓ କର୍ମଚାରୀଙ୍କୁ ବେତନ କରାଇଦେବା ପ୍ରତିଶ୍ରୁତିରେ ବିଭିନ୍ନ ପର୍ଯ୍ୟାୟରେ ୨୨ଲକ୍ଷ ଟଙ୍କା ଭୋଗରାଇ ଅଞ୍ଚଳରେ ଏକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ସୁବ୍ରତ ବେହେରା ଅଭିଯୋଗକାରିଣୀ ବନଜା ମିଶ୍ରଙ୍କଠାରୁ ବ୍ୟାଙ୍କ ମାଧ୍ୟମରେ ନେଇଥିଲେ। ଏନେଇ ସୋର ଥାନାରେ ୨୬।୯।୨୦୧୪, ସିମୁଳିଆ ଥାନାରେ ୨।୧୨।୨୦୧୪ରେ ଓ ଖଇରା ଥାନାରେ ୧୫।୨।୨୦୧୫ରେ ସୁବ୍ରତଙ୍କ ବିରୋଧରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଏହି ୩ଟି ଥାନାରେ ମାମଲା ରୁଜୁ ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ବନଜା ପୁଣି ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ପୋଲିସ କି ପଦକ୍ଷେପ ଗ୍ରହଣ କରିଛି ସେସବୁ ତଥ୍ୟ ପାଇବାକୁ ବନଜା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ତଥ୍ୟ ନ ମିଳିବାରୁ ସେ ରାଜ୍ୟ ସୂଚନା ଅଧିକାର କମିଶନଙ୍କ କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନର ବିଚାର କରିବାକୁ କମିଶନଙ୍କ ତରଫରୁ ବିଭିନ୍ନ ତାରିଖ କରାଯାଇଥିଲେ ବି ପୂର୍ବତନ ଏସ୍‌ପି ନୀତିଶେଖର ହାଜର ନ ହେବାରୁ ଗତ ୨୧ତାରିଖରେ କମିଶନ ୧ ଲକ୍ଷ ଟଙ୍କା ଜରିମାନା ସହ ଏକ ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ବନଜାଙ୍କୁ ଦେବାକୁ ରାୟ ଦେଇଛନ୍ତି।

# କଟ୍‌ନୀ ଛଟ୍‌ନୀ ପାଇଁ ବଢ଼ୁଛି ଅସନ୍ତୋଷ

**ନିର୍ଦ୍ଦେଶ ମାନୁନାହାନ୍ତି ମିଲର**

ଲଙ୍ଗଳେଶ୍ୱର, ୨୩।୧(ଡି.ଏନ.ଏ.)

କୌଣସି ଧାନମଣ୍ଡିରେ ଧାନ କଟାଯିବ ନାହିଁ। ଚାଷୀ ଯେତିକି ଧାନ ଦେବେ କ୍ୱିଣ୍ଟାଲ ପିଛା ୧୮୬୫ ଟଙ୍କା ଦାମ୍‌ରେ ସେତିକି ଧାନର ମୂଲ୍ୟ ପାଇବେ ବୋଲି ସରକାର ବାରମ୍ବାର ଘୋଷଣା କରୁଛନ୍ତି। ହେଲେ ବାଲିଆପାଳ ବ୍ଲକରେ କୌଣସି ଧାନମଣ୍ଡିରେ ଏହି ନିୟମ ମିଲର ମାନୁନାହାନ୍ତି। ବାଲିଆପାଳ ଅନ୍ତର୍ଗତ କୁଦମାନସିଙ୍ଗ ସେବା ସମବାୟ ସମିତିରେ ଶୁକ୍ରବାର ଖୋଲାଯାଇଥିବା ଧାନମଣ୍ଡିକୁ ଚାଷୀମାନେ ଧାନ ବିକ୍ରି କରିବାକୁ ଆଣିଥିଲେ। ଏହି ସୋସାଇଟିରୁ ଧାନ କ୍ରୟ କରିବାକୁ ବାଲେଶ୍ୱର କୁରୁଡ଼ାସ୍ଥିତ ଗଜରାଜ ମିଲ ମାଲିକ ପୂର୍ବବତ୍ କ୍ୱିଣ୍ଟାଲ ପିଛା ୫କେଜି ଧାନ କାଟିବାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ସମ୍ପୃକ୍ତ ମିଲର କର୍ମଚାରୀ ଧାନର ମାନ କମ୍ ରହିଥିବାରୁ କ୍ୱିଣ୍ଟାଲ ପିଛା ୫କେଜି କଟାଯାଉଛି ବୋଲି କହିଥିଲେ। ଏଠାରେ ପ୍ରଶ୍ନ ଉଠେ ସବୁ ଚାଷୀଙ୍କ ଧାନର ମାନ କିପରି କମ୍ ହେଉଛି। କେତେଜଣ ଚାଷୀଙ୍କ ଧାନର ମାନ କମ୍ ବେଶୀ ହୋଇପାରେ। ସବୁ ଚାଷୀଙ୍କ ଧାନର ମାନ କିପରି କମ୍ ହେଉଛି। ପୁଣି ଅମଳ ସମୟରେ ଧାନ ଓଦା ରହିଥାଏ। ଧାନ ଅମଳର ଦୁଇମାସ ପରେ କାହିଁକି କଟାଯାଉଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଏଠାରେ ଚଳିତ ସିଜନ୍‌ରେ ୪ହଜାର ୬ଶହ କ୍ୱିଣ୍ଟାଲ ଧାନ କ୍ରୟ କରିବାର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ଦୁଇଥରରେ ମାତ୍ର ୬ଶହ କ୍ୱିଣ୍ଟାଲ ଦାନ କିଣାଯାଇଛି। ଏ ଦିଗରେ ବିଭାଗୀୟ ଅଫିସର ଧ୍ୟାନ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ମା' ବାରୁଣାଇ ଟିମ୍ ଚାମ୍ପିୟନ

**ତ୍ରିଶକ୍ତି କ୍ରିକେଟ୍ ଟୁର୍ନାମେଣ୍ଟ**

ରୂପସା, ୨୩।୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ କାଟୁଳଡିହାଠାରେ ଆୟୋଜିତ ତ୍ରିଶକ୍ତି କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୭ଦିନ ଧରି ଚାଲୁଥିବା ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଟିମ୍ ଭାଗ ନେଇଥିଲେ। ବାଗ୍‌ଦେବୀ କ୍ରିକେଟ୍ ଟିମ୍ କାଟୁଳଡିହା ଓ ମା' ବାରୁଣାଇ କ୍ରିକେଟ୍ ଟିମ୍ ବଳବୁଦ୍ଧି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମା' ବରୁଣାଇ କ୍ରିକେଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫୪ରନ୍ କରିଥିଲା। ମା' ବାଗଦେବୀ କ୍ରିକେଟ୍ ଟିମ୍ ମାତ୍ର ୧୧୦ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ମ୍ୟାଚ୍ ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଦର ବ୍ଲକ ବିଜୁ ଯୁବମୋର୍ଚ୍ଚା ସଭାପତି ଦିଲୀପ କୁମାର ମହାନ୍ତି, ସ୍ଥାନୀୟ ସମିତିସଭ୍ୟ ରଘୁନାଥ ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ବିନୋଦ କୁମାର ପାଣି, ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ଦାସ, ଯୁବମୋର୍ଚ୍ଚା ସଭାପତି ବିଦ୍ୟାଧର ନାୟକ, ବିକ୍ରମ ପାଳକ, ସମାଜସେବୀ ପବନ କାମିଳା ପ୍ରମୁଖ ଉପସ୍ଥିତ ହୋଇ ପୁରସ୍କାର ବିତରଣ କରିଥିଲେ। ବିଶ୍ୱରଞ୍ଜନ ମିଶ୍ର ଓ ହରିଶ ଚନ୍ଦ୍ର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ରାମଚନ୍ଦ୍ର ଦାସ, ବରେନ୍ଦ୍ର ନାୟକ ଓ ଧ୍ରୁବଚରଣ ନାୟକ ପ୍ରମୁଖ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ବିନୋଦ କୁମାର ପାଣି, ରାଜେଶ ବେହେରା, ପ୍ରଶାନ୍ତ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ବରେନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ଦଳେଇ, ନୃସିଂହ ଦଳେଇ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ପିଲେଟ୍ ପଡ଼ି ବଢ଼ୁଛି ଦୁର୍ଘଟଣା

ଯୋଡା,୨୩।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ଟ୍ରାଫିକ ସମସ୍ୟା ଓ ନିୟନ୍ତ୍ରଣକୁ ନେଇ ପ୍ରଶାସନିକ ସ୍ତରରେ ବୈଠକ ପରେ ବୈଠକ ହେଉଥିଲେ ହେଁ କୌଣସି ପରିବର୍ତ୍ତନ ହେଉନାହିଁ। ରାସ୍ତାଘାଟର ଶୋଚନୀୟ ଅବସ୍ଥା ହେତୁ ଟ୍ରାଫିକ ସମସ୍ୟା ଅଞ୍ଚଳରେ ମୁଖ୍ୟ ସମସ୍ୟା ହୋଇଥିବାବେଳେ ଏହା ଉପରେ ପ୍ରଶାସନର କୌଣସି ଅଙ୍କୁଶ ଲାଗୁ ନାହିଁ। ଏହାର ଏକ ଜ୍ୱଳନ୍ତ ଅନିୟମିତତା ଯୋଡ଼ା ଖଣିମଣ୍ଡଳର ଜୁରୁଡିଠାରେ ଦେଖା ଦେଇଛି।

ଶନିବାର ଯୋଡ଼ା-ବାମେବାରୀ ରାସ୍ତାର ଜୁରୁଡିଠାରେ ଟନ୍ ଟନ୍ ଲୁହାପଥର ଗୋଲି ପଡିଥିଲା । ଯାହା ଫଳରେ ବାଇକ୍ ଆରୋହୀ ଠାରୁ ଆରମ୍ଭ କରି ଛୋଟ ଯାନବାହାନ ଗୁଡିକ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପିଲେଟ୍ ଗୋଲି ଯୋଗୁ ବାଇକ୍ ଆରୋହୀ ସୀତାକାନ୍ତ ପଲେଇ, ପରେଶ ରାଉତ, ରଇବୁ ମୁଣ୍ଡା, ସୁରେନ୍ଦ୍ର ମହାକୁଡ ବାଇକ୍‌ରୁ ପଡିଯାଇଥିଲେ ହେଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗତ ୧୮ ତାରିଖରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଏସ୍‌ପିଙ୍କ ଉପସ୍ଥିତିରେ ଯୋଡ଼ା ଖଣିମଣ୍ଡଳରେ ଥିବା ଖଣି କମ୍ପାନୀ ଏବଂ ଶିଳ୍ପସଂସ୍ଥାର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଖଣି ଅଞ୍ଚଳରେ ଉପୁଜୁଥିବା ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ ଓ ନିରାକରଣ ଉପରେ ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିଲା । ରାସ୍ତାରେ ପିଲେଟ୍ ଗୋଲି ପଡ଼ି ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ଉପୁଜିଲେ ଖଣିଜ ବୋଝେଇ କରୁଥିବା ସମ୍ପୃକ୍ତ ପିଲେଟ୍ ନିର୍ମାଣକାରୀ କମ୍ପାନୀ ଉତ୍ତରଦାୟୀ ରହିବା ସହ ଏହାର ନିରାକରଣ ଦାୟିତ୍ୱ ବହନ କରିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଶନିବାର ରାସ୍ତାରେ ପ୍ରବଳ ମାତ୍ରାରେ ପିଲେଟ୍ ଗୋଲି ବିଛୁରିତ ହୋଇ ପଡିରହିଥିଲେ ହେଁ ସମ୍ପୃକ୍ତ କାରଖାନା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଓ ପକାଇଥିବା ଟ୍ରକ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।



ରାସ୍ତାରେ ବିଛୁରିତ ହୋଇ ପଡିଥିବା ପିଲେଟ୍।

